ପାଠ-୩

# ଚିଲିକାରେ ସାୟନ୍ତନ

**STUDY NOTES**

## MIND MAP



**ସୃଜନାଭିମୁଖ୍ୟ**

ଓଡ଼ିଆ ସାହିତ୍ୟରେ ରାଧାନାଥ ରାୟ ଆଧୁନିକ ଯୁଗର ପ୍ରବର୍ତ୍ତକ ଭାବେ ସୁବିଦିତ । ନୂତନ ଭାବ ଓ କଥାବସ୍ତୁ ବ୍ୟବହାର କରି, ପାଶ୍ଚାତ୍ୟ ସାହିତ୍ୟ ଓ ସଭ୍ୟତାରୁ ବିଷୟବସ୍ତୁ ସଂଗ୍ରହ କରି ସେ ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରି ଯାଇଛନ୍ତି । ପ୍ରକୃତି ଚିତ୍ରଣ, ଜାତୀୟତାଭାବ, ମୃତ୍ୟୁ ସଚେତନତା ଓ ବିଦ୍ରୁପାତ୍ମକ ଦୃଷ୍ଟିଭଙ୍ଗୀରେ କବିଙ୍କର ମୌଳିକତା ସ୍ପଷ୍ଟ । ପ୍ରାଚ୍ୟ କାବ୍ୟ ପରମ୍ପରା ମିଳନାନ୍ତକ ହୋଇଥିବାବେଳେ ରାଧାନାଥଙ୍କ ସମସ୍ତ କାବ୍ୟ ହୋଇଛି ବିୟୋଗାନ୍ତକ । 'ଚିଲିକା' ଏକ ଖଣ୍ଡକାବ୍ୟ ।

**କବିତାର ପୃଷ୍ଠଭୂମି ।**

ରାଧାନାଥଙ୍କ ଅମ୍ଳାନ ସାରସ୍ୱତ କୃତି ଖଣ୍ଡକାବ୍ୟ 'ଚିଲିକା'ର ସୃଷ୍ଟି ୧୮୯୨ ମସିହାରେ । 'ଚିଲିକା' କାବ୍ୟ ପ୍ରକୃତି ଉପରେ ସମ୍ପୂର୍ଣ୍ଣ ରୂପେ ଆଧାରିତ ହେଲେହେଁ ଏଥିରେ ପ୍ରକାରନ୍ତରେ ଉତ୍କଳର କେତେକ ପ୍ରାଚୀନ କିମ୍ବଦନ୍ତୀ, ଉତ୍କଳ ସାହିତ୍ୟର ଦୁରବସ୍ଥା ତଥା କବିଙ୍କ ଜୀବନଦର୍ଶନ ପ୍ରକାଶ ପାଇଛି । ମୁଖ୍ୟତଃ 'ଚିଲିକା' କାବ୍ୟ କବିଙ୍କ ପାଇଁ ସୌନ୍ଦର୍ଯ୍ୟ ସାଗରର ବୈଦୁର୍ଯ୍ୟ ତରଙ୍ଗ । ଏହି କାବ୍ୟରେ କବି ନିଜର ଅସାଧାରଣ ସୌନ୍ଦର୍ଯ୍ୟନିଷ୍ଠା ପ୍ରକାଶ କରି ପାଠକମାନଙ୍କୁ ଅନିର୍ବଚନୀୟ ଆନନ୍ଦଧାମକୁ ଉନ୍ନୀତ କରାଇଛନ୍ତି । ଚିଲିକାର ସୌନ୍ଦର୍ଯ୍ୟ କବି ଭାରତର ବିଭିନ୍ନ ସ୍ଥାନର ପ୍ରାକୃତିକ ଦୃଶ୍ୟ ସହିତ ତୁଳନା କରି ତାହାକୁ ଭାରତର ସର୍ବଶ୍ରେଷ୍ଠ ସୌନ୍ଦର୍ଯ୍ୟର ଆଧାର ଭାବେ ଉପସ୍ଥାପିତ କରିଛନ୍ତି । ଚିଲିକାର ସୌନ୍ଦର୍ଯ୍ୟ କବିଙ୍କ ଚକ୍ଷୁରେ ସ୍ୱର୍ଗୀୟ, ଚିର ଶାଶ୍ୱତ । ତାଙ୍କ ଭାଷାରେ

"ଆହା ଏ ଶୋଭାର କାହିଁ ପଟାନ୍ତର ?

ଥିଲେ ଥିବ ସ୍ୱର୍ଗେ ମର୍ତ୍ତ୍ୟେ ଅଗୋଚର ।

ପାଶୋରିବ ଦେଖି କହ କେହୁ ଜନ

ଏ ଶୋକ ପାଶୋରା ଅପ୍ସରା ଭୁବନ" ।

ODM EDUCATIONAL GROUP Changing your Tomorrow

ଚିଲିକା କେବଳ ପ୍ରକୃତିର ଏକ ଚିତ୍ରପରୀ ନୁହେଁ, ମନୋଜ୍ଞ ସୃଷ୍ଟିରେ ସେ ହେଉଛି ଚାରୁ ଆଲେଖ୍ୟଶାଳିକା । ପ୍ରକୃତିର ଗନ୍ତାଘର ସେ । ପ୍ରକୃତିର ଜଣେ ଚିହ୍ନରା ଗ୍ରାହକ ଭାବେ କବି ଚିଲିକାର ସୌନ୍ଦର୍ଯ୍ୟକୁ ଆକାଶ ପାନ କରି ତା'ର ରମଣୀୟତାକୁ ଆହୁରି ମାଧୁର୍ଯ୍ୟବନ୍ତ କରିଛନ୍ତି । ତାଙ୍କ ଲେଖନୀରେ ଚିଲିକା ସତେଯେପରି ସଞ୍ଜୀବନୀ ମନ୍ତ୍ରରେ ନବଜୀବନ ଲାଭକରିଛି । ଅପରୂପା ଲାବଣ୍ୟବତୀ ଚିଲିକା କବିଙ୍କ ଶିଳ୍ପୀ ହାତସ୍ପର୍ଶରେ ମହିମାନ୍ୱିତ ହୋଇଉଠିଛି । ସୌନ୍ଦର୍ଯ୍ୟପିପାସୁ ପ୍ରାଣରେ ରୂପତୃଷ୍ଣାର ଅନ୍ତ ନଥାଏ । କବିଙ୍କ କାବ୍ୟନାୟିକା ଚିଲିକା ସଦା ହାସ୍ୟମୟୀ, ଛନ୍ଦୋମୟୀ ତଥା ଚଳଚପଳମୟୀ । ପ୍ରଭାତ, ମଧ୍ୟାହ୍ନ, ସାୟନ୍ତନ ସବୁ ସମୟରେ ତା'ର ରୂପମାଧୁରୀ କବିଙ୍କୁ କରିଛି ଆତ୍ମହରା ।